# Akashvani, Sambalpur

# SAMBALPURI NEWS MORNING BULLETIN

# 24 August 2026 - 6.47- 6.52 am.

---

ଓଡ଼ିଶା ସହରାଂଚଲ୍ ସମ୍ମିଳନୀ        ଆଇ ଆଣ୍ଡ୍ ପି.ଆର୍

ରାଏଜେ ସୁଶାସନ୍ ଯୋଜ୍ନାବଦ୍ଧ ବିକାଶ୍ ଆଉ ଉନ୍ନତ୍ ନାଗରିକ୍ ସେବାକେ ଗତିଶୀଳ କର୍ବାର୍ ଲକ୍ଷ୍ୟଥି ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଓଡ଼ିଶା ସହରାଂଚଲ୍ ସମ୍ମିଳନୀ -୨୦୨୬ ଗଲାକାଏଲ୍ ହେଇଯାଇଛେ । ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍ଫୁ ହେଇଥିବା ଇ ସମୀକ୍ଷା ଆଉ ଦିଗ୍ଦର୍ଶନ୍ କାର୍ଯ୍ୟକ୍ରମ୍ଥି ସବୁ ପୌରସ୍ଥାର୍ କାର୍ଯ୍ୟଧାରାର୍ ସମୀକ୍ଷା ସହେତେ ଆଏବା ଦିନର୍ ପ୍ରାଥମିକତା ନେଇକରି ଆଲୋଚନା କରାଯାଇଛେ । ସହରାଂଚଲ୍ ନ ଜଲ୍ବନ୍ଦୀ ସମସ୍ୟା ଦୂର୍ କର୍ବାର୍ ଲାଗି ବିଶେଷଜ୍ଞମାନ୍କର୍ ସହେତେ ମିଶିକରି ଡ୍ରେନେଜ୍ ସିଷ୍ଟମ୍ର ସୁଧାର୍ ଆଉ ପାନିର୍ ଫେର୍ ଘାଏ ବେଭାର୍ ଉପ୍ରେ କାମ୍ କରାଯାଉଛେ ବଲି ବିଭାଗୀୟ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ମୁଖ୍ୟମନ୍ତ୍ରୀ ସହରୀ ବିକାଶ୍

ଯୋଜ୍‌ନା ଆଉ ପି.ଏମ୍.ଏ.ୱାଇ. ୨ ନମ୍ବର୍ ଖେପ୍ ଅଧୀନ୍‌ଥି ଗରିବ୍ ଆଉ ଭୂମିହୀନ ମାନ୍‌କର୍ ଲାଗି ଘର୍ ତିଆରି ଟାଉନ୍‌ପ୍ଲାନିଂ ସ୍କିମ୍ ଆଉ ଅଠିପହର୍ ସଫା ପିଇବାର୍ ପାଏନ୍, ଯୁଗାବାର୍‌କେ ତୁର୍‌ତି କରାଯାଉଛେ ବଲି ମନ୍ତ୍ରୀ ଡକ୍ଟର୍ ମହାପାତ୍ର କହିଛନ୍ ।

ଜନ ଅଭିଯୋଗ୍ ଶୁଣାଣି        ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସଖାଲର୍ ୮ ବଜେନୁ ୟୁନିଟ୍-୨ ଅଶୋକ୍ ନଗର୍ ଭୁବ୍‌ନେଶ୍ୱର୍ ନ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଲୟ ନ ସାଧାରଣ୍ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ଇଥିର୍ ଲାଗି ପଞ୍ଜିକରଣ୍ କରିଥିବା ଆଗ୍ରହୀ ଲୁକେ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର୍ ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ଆଉ ନିଜର୍ ଅଭିଯୋଗ୍ ପତ୍ର ସାଙ୍ଗେ ଉପସ୍ଥିତ୍ ରହିକରି ମୁଖ୍ୟମନ୍ତ୍ରୀଙ୍କୁ ନିଜର୍ ଅଭିଯାଗ୍ ଜନେଇପାର୍‌ବେ ।

ଓଡ଼ିଶା ପରବ        ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶାର୍ କଳା, ପରମ୍ପରା ଆଉ ଐତିହ୍ୟକେ ବାରଣାସୀ ନ ଓଡ଼ିଶା ପରବ ପ୍ରଦର୍ଶିତ୍ କରୁଛେ । ୩ ଦିନିଆ ଓଡ଼ିଶା ପରବ୍ ଆଏଜ୍ ଉଦ୍‌ଯାପିତ୍ ହେବା । ଗଲାକାଏଲ୍ ୨ ନମ୍ବର୍ ଦିନେ ଟୁରିଜମ୍ ଇନ୍‌ଭେଷ୍ଟର୍, ବି-ଟୁ-ଜି ଆଲୋଚନାଚକ୍ର ସହେତେ ଗୁଟେ ଖାସ୍ ଟୁରିଜମ୍ ରୋଡ୍ ସୋ ଭିଲ୍ କରାଯାଇଥିଲା । ଯେନ୍‌ଥି ପୁରୀ-କୋଣାର୍କ, ରତ୍ନଗିରି, ଚିଲିକା, ଭିତର୍‌କନିକା, ଶିମିଲିପାଲ୍ ସହେତେ ୧୫ ଟା ପ୍ରମୁଖ ପର୍ଯ୍ୟଟନ୍‌ସ୍ଥଲୀ ଆଉ ଇକୋ ଟୁରିଜମ୍ ବାବ୍‌ଦେ ପ୍ରଦର୍ଶିତ୍ ହେଇଥିଲା । ଇ ଅବ୍‌ସରେ ଓଡ଼ିଆ ପ୍ରବାସୀ ମିଳନ୍ ଭିଲ୍ ଆୟୋଜିତ୍ କରାଯାଇଥିଲା ।

ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ଆଇ ଆଣ୍ଡ୍ ପି.ଆର୍

ରକ୍ତତୀର୍ଥ ପାପଡ଼ାହାଣ୍ଡିର ସହିଦ୍‌ମାନ୍‌କର୍ ସ୍ମୃତିଥି ଆଏଜ୍ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହ ପାଲିତ୍ ହେବା । କାର୍ଯ୍ୟକ୍ରମ୍‌ଥି ଅନୁସୂଚିତ ଜନଜାତି ଆଉ ଅନୁସୂଚିତ ଜାତି ଉନ୍ନୟନ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର୍ ସହେତେ କୋରାପୁଟ୍ ଜିଲ୍ଲାର୍ ସାଂସଦ୍ ଆଉ

ବିଧାୟକ୍‌ମାନେ ଯୋଗ୍‌ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଦେଶର୍ ସ୍ୱାଧୀନତା ଲାଗି ଇ ଅଂଚଲର ଅବଦାନ୍, ଆତ୍ମବଳିଦାନ୍ ଆଉ ତ୍ୟାଗ୍‌କେ ସୁର୍‌ତା କର୍‌ବାର୍ ଲାଗି ଇ ସମାରୋହର୍ ଆୟୋଜନ୍ କରାଯାଇଛେ ।

ସୁଭଦ୍ରା ଯୋଜନା                ଆର୍‌ଏନ୍‌ୟୁ/ କଟକ୍

ସୁଭଦ୍ରା ଯୋଜ୍‌ନାର୍ ୫ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ଆଏବା ୨୮ ତାରିଖ୍ ଶୁକ୍ରବାର୍ ଦିନ ରାଖି ପୁନି ଅବ୍‌ସରେ ଦିଆଯିବା । ନୟାଗଡ଼୍ ଜିଲ୍ଲା ନ ହେବାର୍‌କେ ଥିବା ଖାସ୍ ରାଜ୍ୟସ୍ତରୀୟ ସମାରୋହଥି ସୁଭଦ୍ରା କିସ୍ତି ଦିଆଯିବା । ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏକାସାଙ୍ଗେ ୫ ଟା କିସ୍ତି ଦିଆଯିବା । ଇ ମାସ ୨୮ ତାରିଖ୍ ତକ୍ ଆବେଦନ୍ କରିଥିବା ୧ କୋଟିନୁ ଅଏତ୍‌କା ହିତାଧିକାରୀଙ୍କୁ ସାହାଜ୍ ଟଙ୍କା ବେଙ୍କଖାତାକେ ଦିଆଯିବା ।

ମନ୍ କି ବାତ୍               ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ୧୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୮ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ଶ୍ରୀବଣ୍ ଶେଷ୍ ସୋମ୍‌ବାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ଶ୍ରାବଣ୍ ମାସର୍ ଶେଷ୍ ସୋମ୍‌ବାର୍ । ଇ ଅବ୍‌ସରେ ପଶ୍ଚିମ୍ ଓଡ଼ିଶାର୍ ଶିବ ମନ୍ଦିର୍‌ମାନ୍‌କେ ଶ୍ରଦ୍ଧାଳୁମାନ୍‌କର୍ ଜବର୍ ଭିଡ୍

ହେଇଛେ । ଅଧାରାତିନୁ ଶ୍ରଦ୍ଧାଳୁମାନେ ପାଏନ୍ ଧରିକରି ମହାଦେବ୍ ଗୁଡ଼ି ମାନ୍‌କେ ଲାଇନ୍ ଲାଗିଛନ୍ ।

ଇ ଅବ୍‌ସରେ ସମ୍ବଲ୍‌ପୁର୍ ଜିଲ୍ଲାର୍ ହୁମା, ମାନେଶ୍ୱର୍, ମୁକ୍ତେଶ୍ୱର୍, କନ୍ତେଶ୍ୱର୍ ଶିବ ମନ୍ଦିର୍‌କେ ବାହାରୁ ବହୁତ୍‌ଟେ ଭକ୍ତ ପାଏନ୍ ନେଇକରି ଆସିକରି ଶିବଙ୍କୁ ପାଏନ୍ ଚଢ଼ଉଛନ୍ । ଇତାର୍‌ଛଡ଼ା ସମ୍ବଲ୍‌ପୁର୍ ସହରର୍ ବାଲିବନ୍ଧା, ବୁଢ଼ାରଜା, ଦୁର୍ଗାପାଲି, ଝାଡୁଆପଡ଼ା, ନନ୍ଦପଡ଼ା, ମୁଦିପଡ଼ା ସହେତେ ସବୁ ଶିବମନ୍ଦିର୍ ମାନ୍‌କେ ଦର୍ଶନ୍ ଆର୍ ପାଏନ୍ ଚଢ଼ାବାର୍‌କେ ଭକ୍ତ ଆର୍ କାଉଡ଼ିଆମାନ୍‌କର୍ ଜବର୍ ଭିଡ଼୍ ଲାଗିଛେ ।

ଝୁଲଣ୍ ଯାତ୍ରା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଗଲାକାଏଲ୍‌ଠାନୁ ମାହାପୁରୁମାନ୍‌କର୍ ଝୁଲଣ୍ ଯାତ୍ରା ମୁଲ୍ ହେଇଛେ । ମାହାପୁରୁମାନ୍‌କର୍ ଚଳନ୍ତି ପ୍ରତିମା ମଦନ୍‌ମୋହନ୍, ଶ୍ରୀଦେବୀ ଆଉ ଭୂଦେବୀଙ୍କୁ ନେଇକରି ଝୁଲଣ୍ ମଣ୍ଡପ୍ ନ ୭ ଦିନ୍ ଧରିକରି ଇ ଯାତ୍ରା ହେଉଛେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପସାଗର ତାର୍ ପାଖର୍ ଇଲାକା ନ ଗୁଟେ ଘୂର୍ଣ୍ଣିବଳୟ ଲଘୁଚାପ୍ କ୍ଷେତ୍ରଥି ବଦଲିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର ଭିନ୍ ଭିନ୍ ଜାଗାନ ଜବର୍ ବର୍ଷା ହେବାର୍ ସମ୍ଭାବନା ଅଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ସୁବର୍ଣ୍ଣପୁର୍ ଆର୍ ବୌଦ୍ଧ ଜିଲ୍ଲା ନ ଜବର୍‌ନୁ ଅତି ଜବର୍ ବର୍ଷା ହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୭ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଲଘୁଚାପ୍ ବର୍ଷା ବାବ୍‌ଦେ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍,...

(ଭଏସ୍ ଓଭର୍-ମନୋରମା ମହାନ୍ତି)

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଗଲା ରାତି ୩ ବଜେତକ୍ ୬ ଶହ ୨୨ ଦଶ୍‌ମିକ୍ ୮/୯ ଫୁଟ୍ ରହିଥିଲା । ଇହାଦେ ୫ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ ।